# NATIONAL NEWS BULLETIN (ODIA)

## 13 July - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ମୁମ୍ବାଇରେ ପ୍ରାୟ ୩୦ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

– କହିଲେ ଏନ୍‌ଡିଏ ସରକାର ଦେଶରେ ସ୍ଥିରତା ବଜାୟ ରଖିବ ।

- ୭ଟି ରାଜ୍ୟର ୧୩ଟି ବିଧାନସଭା ଉପନିର୍ବାଚନର ପ୍ରକାଶ ପାଇଲା ଫଳାଫଳ ।
- ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା  'ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ୍' କାର୍ଯ୍ୟାନ୍ୱୟନର କଲେ ସମୀକ୍ଷା ।
- ଇସ୍ରାଏଲ୍ ବିମାନ ଆକ୍ରମଣରେ ପାଲେଷ୍ଟାଇନ୍‌ରେ ୭୧ ଜଣ ମୃତ ।

ଏବଂ

- ଚତୁର୍ଥ ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ଭାରତ' ଜିମ୍ବାୱେକୁ ୧୦ ୱିକେଟ୍‌ରେ ପରାସ୍ତ କରିଛି ।

# ପିଏମ୍‌-ମୁମ୍ବାଇ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମୁମ୍ବାଇ ଠାରେ ପ୍ରାୟ ୩୦ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସେଗୁଡ଼ିକ ମଧ୍ୟରେ ସଡ଼କ, ରେଳପଥ ଓ ବନ୍ଦର କ୍ଷେତ୍ରର ପ୍ରକଳ୍ପ ଅନ୍ତର୍ଭୁକ୍ତ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ କହିଛନ୍ତି, ଏନ୍‌.ଡି.ଏ. ସରକାର ଦେଶରେ ସ୍ଥିରତା ବଜାୟ ରଖିବ । ଭାରତକୁ ବିକଶିତ କରିବା ଦିଗରେ ମୁମ୍ବାଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ସେହିପରି ମହାରାଷ୍ଟ୍ର ଶିଳ୍ପ ଏବଂ କୃଷି କ୍ଷେତ୍ରରେ ଆଗୁଆ ରହିଛି । ମହାରାଷ୍ଟ୍ରରେ ପରିବହନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାର ଲକ୍ଷ୍ୟ ରହିଥିବା ଶ୍ରୀ ମୋଦୀ କହିଛନ୍ତି । ଆଗାମୀ ଦିନରେ ମୁମ୍ବାଇ ଫେନ୍‌ଟେକ୍‌ ରାଜଧାନୀ ହେବ ବୋଲି ସେ କହିଛନ୍ତି । ଦେଶର ଜନତା ସବୁବେଳେ ଦ୍ରୁତ ବିକାଶ ଚାହୁଁଛନ୍ତି । ମୁମ୍ବାଇ ମେଟ୍ରୋର କାର୍ଯ୍ୟ ଜୋର୍‌ସୋରରେ ଆଗେଇ ଚାଲିଛି । ରେଳସେବା ବୃଦ୍ଧି ହେଉଥିବାରୁ ମୁମ୍ବାଇର ବିକାଶ ତ୍ୱରାନ୍ୱିତ ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ ଆଜି ଏହି ଅବସରରେ ୧୬ହଜାର ୬୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୧୧ ଦଶମିକ୍‌ ୮ କିଲୋମିଟର ଦୈର୍ଘ୍ୟରେ ଥାନେ-ବୋରିଭାଲି ଟନେଲ୍‌ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏହାଦ୍ୱାରା ଦୂରତ୍ୱ କମିବା ସହ ସମୟ ସଞ୍ଚୟ ହୋଇପାରିବ । ସେହିଭଳି ପ୍ରଧାନମନ୍ତ୍ରୀ

୬ହଜାର ୩୦୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଗୋରେଗାଓଁ-ମୁଲୁନ୍ଦ ଲିଙ୍କ୍ ସଡ଼କ ପ୍ରକଳ୍ପର ଟନେଲ୍ କାର୍ଯ୍ୟ ଲାଗି ଶିଳାନ୍ୟାସ କରିଛନ୍ତି । ନଭି ମୁମ୍ବାଇର ଟର୍ଭେ ଠାରେ ଗତିଶକ୍ତି ବିବିଧ ମୋଡାଲ୍ କାର୍ଗୋ ଟର୍ମିନାଲ୍ ଏବଂ କଲ୍ୟାଣ ୟାର୍ଡ୍ ରି ମଡେଲିଂ ଲାଗି ଶିଳାନ୍ୟାସ କରାଯାଇଛି ।

ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ ଷ୍ଟେସନ୍‌ର ସମ୍ପ୍ରସାରିତ ୧୦ ଓ ୧୧ ନମ୍ବର ପ୍ଲାଟଫର୍ମ ଏବଂ ଲୋକମାନ୍ୟ ତିଲକ ଟର୍ମିନସ୍ ଠାରେ ନୂତନ ପ୍ଲାଟଫର୍ମକୁ ଲୋକାର୍ପଣ କରାଯାଇଛି । ଶ୍ରୀ ମୋଦୀ ପ୍ରାୟ ୫ ହଜାର ୬୦୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ଯୁବ କାର୍ଯ୍ୟ ପ୍ରଶିକ୍ଷଣ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନା ୧୮ରୁ ୩୦ ବର୍ଷ ବୟସ୍କ ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି କରିବା ସହିତ ନିଯୁକ୍ତି ସୁଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି ।

## ଉପନିର୍ବାଚନ

ଦେଶର ୭ଟି ରାଜ୍ୟର ୧୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ହୋଇଥିବା ଉପନିର୍ବାଚନର ଫଳାଫଳ ପ୍ରକାଶ ପାଇଛି । ୧୩ଟି ବିଧାନସଭା ଆସନ ମଧ୍ୟରୁ କଂଗ୍ରେସ ଏବଂ ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ ୪ଟି ଲେଖାଏଁ ଆସନରେ ବିଜୟ ଲାଭ କରିଥିବା ବେଳେ ବିଜେପି ଦୁଇଟି ଆସନ, ଆପ୍ ଏବଂ ଡି.ଏମ୍.କେ. ଗୋଟିଏ ଲେଖାଏଁ ଆସନରେ

ବିଜୟଲାଭ କରିଛି ଏବଂ ଅନ୍ୟ ଜଣେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି ।

ପଞ୍ଜାବର ପଶ୍ଚିମ ଜଳନ୍ଧର ଅଞ୍ଚଳରୁ ଶାସକ ଆମ୍ ଆଦମୀ ପାର୍ଟି ବିଜୟ ଲାଭ କରିଛି । ସେହିପରି ହିମାଚଳ ପ୍ରଦେଶର ଡେରା ଏବଂ ନାଲାଗଡ଼ ବିଧାନସଭା ଆସନରୁ ଶାସକ କଂଗ୍ରେସ ବିଜୟୀ ହୋଇଥିବା ବେଳେ ହମୀରପୁର ଆସନରୁ ବିଜେପି ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ପଶ୍ଚିମବଙ୍ଗରେ ଶାସକ ଏ.ଆଇ.ଟି.ଏମ୍.ସି. ରାଇଗଞ୍ଜ, ରାନାଘାଟ ଦକ୍ଷିଣ, ମଣିକତାଲା ଏବଂ ବାଗ୍ଦା ଆସନରୁ ବିଜୟୀ ହୋଇଛି । ଉତ୍ତରାଖଣ୍ଡର ବଦ୍ରିନାଥ ଏବଂ ମାଙ୍ଗାଲୋର ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ମଧ୍ୟପ୍ରଦେଶର ଅମରୱାରା ଆସନରୁ ବିଜେପି ପ୍ରାର୍ଥୀ କମେଲଶ ପ୍ରତାପ ଶାହା ବିଜୟୀ ହୋଇଛନ୍ତି । ବିହାରର ରୂପଲି ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଶଂକର ସିଂହ ବିଜୟୀ ହୋଇଛନ୍ତି । ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱି ଜେ.ଡି.ୟୁ. ପ୍ରାର୍ଥୀ କଳାଧର ପ୍ରସାଦ ମଣ୍ଡଳଙ୍କୁ ୮ହଜାର ୨୪୬ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି ।

## ଶାହା-ଭାଇବ୍ରାଣ୍ଟ

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀ ଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ 'ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ୍' କାର୍ଯ୍ୟାନ୍ୱୟନର ସମୀକ୍ଷା କରିଛନ୍ତି । ବୈଠକରେ ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ସୀମାନ୍ତବର୍ତ୍ତୀ ଗ୍ରାମ ଗୁଡ଼ିକର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ । ସେହି ଅଞ୍ଚଳର ସ୍ଥାନୀୟ ବାସିନ୍ଦାଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇ ଦେବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଶାହା କହିଛନ୍ତି । ସୀମାନ୍ତବର୍ତ୍ତୀ ଗ୍ରାମ ଗୁଡ଼ିକରେ ମୁତୟନ ଥିବା କେନ୍ଦ୍ରୀୟ ସଶସ୍ତ୍ର ବଳ ଏବଂ ସେନାଙ୍କ ଜରିଆରେ ସ୍ଥାନୀୟ କୃଷି ଉତ୍ପାଦିତ ସାମଗ୍ରୀ ଏବଂ ହସ୍ତଶିଳ୍ପ ସାମଗ୍ରୀ କ୍ରୟ କରିବା ଲାଗି ପ୍ରୋତ୍ସାହିତ କରିବା ଉପରେ ଶ୍ରୀ ଶାହା ଗୁରୁତ୍ୱାରୋପ କରିଛନ୍ତି । ସୀମାନ୍ତବର୍ତ୍ତୀ ଗ୍ରାମ ଗୁଡ଼ିକରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ୬୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ଅନୁମୋଦିତ ହୋଇଥିବା ଶ୍ରୀ ଶାହା କହିଛନ୍ତି । ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ୍ ଯୋଜନା ଅଧୀନରେ ୨ହଜାର ୪୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ୧୧୩ଟି ସଡ଼କ ପ୍ରକଳ୍ପ ଜରିଆରେ ୧୩୬ଟି ସୀମାନ୍ତ ବର୍ତ୍ତୀ ଗ୍ରାମ ଗୁଡ଼ିକୁ ସଂଯୋଗୀକରଣ କରାଯାଇପାରିଛି । ଏହିସବୁ ଗ୍ରାମ ଗୁଡ଼ିକୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରାଯାଇପାରିଛି । ସେଠାରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍‌ର ମଧ୍ୟ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ଶାହା

କହିଛନ୍ତି । ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ, ଇଣ୍ଡୋତିବ୍ବତୀୟାନ୍ ସୀମାନ୍ତ ପୁଲିସର ମୁଖ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ୟୁପି-ସିଜିଆଇ

ସୁପ୍ରିମ୍‌କୋର୍ଟ୍ ପ୍ରଧାନ ବିଚାରପତି ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି, ଯଦି ଆଇନ୍‌ର କାର୍ଯ୍ୟଧାରା ସାଧାରଣ ଲୋକଙ୍କୁ ସରଳ ଭାଷାରେ ବୁଝା ନଯାଏ ତେବେ ନ୍ୟାୟିକ ବୃତ୍ତି ଏବଂ ନ୍ୟାୟିକ ଶିକ୍ଷା ଧାରାରେ ତ୍ରୁଟି ରହିଛି । ଲକ୍ଷ୍ନୌ ଠାରେ ଡକ୍ଟର ରାମ ମନୋହର ଲୋହିଆ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟରେ ଏକ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ପ୍ରଧାନ ବିଚାରପତି ଆଇନ୍ ପାଠ୍ୟକ୍ରମକୁ ଆଞ୍ଚଳିକ ଭାଷାରେ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ ଏବଂ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଛାତ୍ରଛାତ୍ରୀମାନଙ୍କୁ ମିଳିତ ଭାବେ ଡିଗ୍ରୀଗୁଡ଼ିକ ପ୍ରଦାନ କରିଛନ୍ତି । ଏହି ଅବସରରେ ପ୍ରଧାନ ବିଚାରପତି କହିଛନ୍ତି, ଆଞ୍ଚଳିକ ଭାଷାରେ ଛାତ୍ରଛାତ୍ରୀମାନଙ୍କୁ ଆଇନ୍ ପାଠ୍ୟକ୍ରମ ଶିକ୍ଷାପ୍ରଦାନ ବ୍ୟବସ୍ଥାକୁ ବିଚାରକୁ ନିଆଯିବା ଉଚିତ୍ । ଏହି ବିଶ୍ୱବିଦ୍ୟାଳୟରେ ଏଲ୍.ଏଲ୍.ବି. ପାଠ୍ୟକ୍ରମକୁ ହିନ୍ଦୀ ଭାଷାରେ ଶିକ୍ଷାଦାନ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ବିଶ୍ୱବିଦ୍ୟାଳୟ ମାନଙ୍କରେ

ଆଞ୍ଚଳିକ ସମସ୍ୟା ଉପରେ ପର୍ଯ୍ୟବେସିତ ଆଇନ୍ ଗୁଡ଼ିକୁ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବା ଉଚିତ୍ ବୋଲି ସେ କହିଛନ୍ତି ।

## ପାଲେଷ୍ଟାଇନ୍ ଷ୍ଟ୍ରାଇକ୍

ପାଲେଷ୍ଟାଇନ୍‌ର ଗାଜା ଅନ୍ତର୍ଗତ ଖାନ୍ ୟୁନିସ୍‌ର ଅଲ୍-ମାୱାସି ଅଞ୍ଚଳରେ ଇସ୍ରାଏଲ୍ ବିମାନ ଆକ୍ରମଣରେ ୭୧ ଜଣ ପ୍ରାଣ ହରାଇଛନ୍ତି । ଅଲ୍ ମାୱାସି ଜନବସତି ଅଞ୍ଚଳରେ ଏହି ବିମାନ ଆକ୍ରମଣ କରାଯାଇଥିଲା । ଆକ୍ରମଣରେ ୨୮୯ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ହମାସ୍ ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ପାକ୍-ଇମ୍ରାନ୍

ପାକିସ୍ତାନର ଏକ ଅଦାଲତ ବେଆଇନ୍ ବିବାହ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁ ଏବଂ ତାଙ୍କ ପତ୍ନୀଙ୍କୁ ଦୋଷମୁକ୍ତ କରିଛନ୍ତି । ଗତ ଫେବୃୟାରୀରେ ପାକିସ୍ତାନରେ ଅନୁଷ୍ଠିତ ହୋଇଥିବା ନିର୍ବାଚନର ଦିନକ ପୂର୍ବରୁ ଶ୍ରୀ ଖାଁ ଏବଂ ତାଙ୍କ ପତ୍ନୀ ବସରା ଖାଁଙ୍କୁ ଅଦାଲତ ୭ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ । ଇସ୍‌ଲାମ ଧର୍ମ ବିରୁଦ୍ଧାଚରଣ କରୁଥିବା ମାମଲାରେ କୋର୍ଟ ତାଙ୍କୁ ଏହି ଦଣ୍ଡାଦେଶ ଶୁଣାଇଥିଲେ । ତେବେ ଗତ

ମେ ୨୦୨୩ରେ ଇମ୍ରାନ୍ ତାଙ୍କ ସମର୍ଥକମାନଙ୍କୁ ଦଙ୍ଗା କରାଇବା ପାଇଁ ପ୍ରବର୍ତ୍ତାଇବା ମାମଲାରେ ଚଳିତ ସପ୍ତାହରେ ଅଦାଲତ ତାଙ୍କ ଜାମିନ୍ ନାମଞ୍ଜୁର କରିବା ପରେ ସେ ଜେଲ୍‌ରେ ରହିଛନ୍ତି । ତାଙ୍କ ପତ୍ନୀ ବସରା ମଧ୍ୟ ଜେଲ୍‌ରେ ଥିବା ଜଣାପଡ଼ିଛି ଏବଂ ସେ କେବେ ମୁକ୍ତ ହେବେ ତାହା ସ୍ପଷ୍ଟ ହୋଇନାହିଁ ।

## ଇଣ୍ଡୋନେସିଆ-ଆକ୍ସିଡେଣ୍ଟ

ଇଣ୍ଡୋନେସିଆର କେନ୍ଦ୍ରୀୟ ଜାଭା ଅଞ୍ଚଳରେ ଆଜି ସକାଳେ ଏକ ସଡ଼କ ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୪ ଜଣ ଆହତ ହୋଇଛନ୍ତି । ୨୨ ଜଣ ଯାତ୍ରୀଙ୍କୁ ନେଇ ସୁରବାୟା ଅଞ୍ଚଳରୁ ଯୋଗ୍ୟକର୍ତ୍ତାକୁ ଯାଉଥିବା ଏକ ମିନି ବସ୍ ଗୋଟିଏ ଟ୍ରକ୍ ସହ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣାରେ ଆହତମାନଙ୍କୁ ଚିକିତ୍ସା ନିମନ୍ତେ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

## ଗୁଜରାଟ-ଚାନ୍ଦିପୁରା ଭାଇରସ୍

ଗୁଜରାଟ ସବରକଣ୍ଠା ହିମ୍ମତ ନଗର ସିଭିଲ୍ ହସ୍ପିଟାଲ୍‌ରେ ସନ୍ଦିଗ୍ଧ ଚାନ୍ଦିପୁରା ଭୂତାଣୁ ସଂକ୍ରମିତ ୪ ଜଣ ଶିଶୁଙ୍କର ମୃତ୍ୟୁ ଘଟିଛି । ଜିଲ୍ଲା ମୁଖ୍ୟ

ଚିକିତ୍ସା ଅଧିକାରୀ ରାଜ ସୁତାରିଆ କହିଛନ୍ତି, ହିମ୍ମତନଗର ସିଭିଲ୍ ହସ୍ପିଟାଲ୍‌ରେ ଚାନ୍ଦିପୁରା ଭୂତାଣୁ ସଂକ୍ରମିତ ଅନ୍ୟ ୨ ଜଣ ଚିକିତ୍ସାଧୀନ ଅଛନ୍ତି । ସଂକ୍ରମିତ ଶିଶୁଙ୍କ ଠାରୁ ରକ୍ତ ସଂଗ୍ରହ କରାଯାଇ ଜାତୀୟ ଭୂତାଣୁ ପରୀକ୍ଷଣ ସଂସ୍ଥାନକୁ ପଠାଯାଇଛି । ମୃତ ଶିଶୁଙ୍କ ମଧ୍ୟରୁ ଦୁଇ ଜଣ ରାଜସ୍ଥାନର ଥିବା ବେଳେ ଅନ୍ୟ ଦୁଇ ଜଣ ଆରଭାଲି ଜିଲ୍ଲାର ବୋଲି ଜଣାପଡ଼ିଛି ।

## ଆଇଏମ୍‌ଡି

ଭାରତୀୟ ପାଣିପାଗ ବିଭାଗ ଆସନ୍ତା ୫ ଦିନ ମଧ୍ୟରେ ଗୋଆ, ମଧ୍ୟ ମହାରାଷ୍ଟ୍ର, ଗୁଜରାଟ, କେରଳ ଏବଂ କର୍ଣ୍ଣାଟକର ଦକ୍ଷିଣ ଆଭ୍ୟନ୍ତରୀଣ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରୁଛି । ସେହିପରି ଆସନ୍ତା ୪ ଦିନ ମଧ୍ୟରେ ତେଲଙ୍ଗାନା, ମଧ୍ୟପ୍ରଦେଶ, ବିଦର୍ଭ ଏବଂ ଛତିଶଗଡ଼ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ସୂଚନା ଦିଆଯାଇଛି । ଆନ୍ଧ୍ରପ୍ରଦେଶର ଉପକୂଳବର୍ତ୍ତୀ ଅଞ୍ଚଳ ପୂର୍ବ ଉତ୍ତରପ୍ରଦେଶ ଅଞ୍ଚଳରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

# କ୍ରିକେଟ୍

ହରାରେ ସ୍ପୋର୍ଟସ୍ କ୍ଲବ୍‌ରେ ଖେଳାଯାଉଥିବା ଭାରତ ଓ ଜିମ୍ବାୱେ ମଧ୍ୟରେ ପାଞ୍ଚଟିକିଆ ଟି-ଟ୍ୱେଣ୍ଟି ସିରିଜ୍‌ର ଚତୁର୍ଥ ମ୍ୟାଚ୍‌ରେ ଭାରତ ଜିମ୍ବାୱେକୁ ୧୦ୱିକେଟ୍‌ରେ ହରାଇଛି । ଟସ୍ ଜିତି ଭାରତ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୫୨ରନ୍ ସଂଗ୍ରହ କରିଛି । ଜିମ୍ବାୱେ ଅଧିନାୟକ ସିକନ୍ଦର ରାଜା ସର୍ବାଧିକ ୪୬ରନ୍ ସଂଗ୍ରହ କରିଥିଲେ । ଭାରତ ପକ୍ଷରୁ ଖଲିଦ୍ ଅହମଦ୍ ୨ଟି ୱିକେଟ୍ ନେଇଥିଲେ । ଓପନିଂ ଯୋଡ଼ି ଅଧିନାୟକ ଶୁଭମନ ଗିଲ୍ ଏବଂ ଜଶସ୍ୱୀ ଜୟସ୍ୱାଲ୍‌ଙ୍କ ଚମତ୍କାର ବ୍ୟାଟିଂ ଫଳରେ ଭାରତ ଏହି ବିଜୟ ହାସଲ କରିଛି ।